# ଗଣପତି

କବି ରଘୁନାଥ ଦାସ

ଆମେ କି ରବର ଗଛ

ଆମ ଛାତି ନିଗିଡ଼ା ରସରେ

ରନ୍ଧାଯିବ କମ୍ପାନୀର ରକ୍ତଲାଲ ବହଳିଆ ଲାଭ?

କହ ଭାଇ ଏହାର ଜବାବ

ଦେବାନି କି ଆମେ?

କିଏ ତୁମେ ଅବସନ୍ନ ମାଳୟର ମ୍ଲେଚ୍ଛ ପ୍ରତିଗ୍ରାମେ

ଜାଳିଯାଅ ଆଶାର ଦିହୁଡ଼ି...,

ତୁମ ଗିରେ ସପନର ସ୍ୱର୍ଣ୍ଣରେଣୁ ପଡୁଛି ବିଛୁଡ଼ି...,

ହେ ଅଦ୍ଭୁତ କବି।

ନିବିଡ଼ ନିଶାରେ ଆଙ୍କିଦିଅ ଉଦୟର ଛବି

ଆଗ୍ନେୟ ଭାଷାରେ;

କିଏ ତୁମେ ଲେଖିଦେଲ ଯୁଗାନ୍ତର ଲାଞ୍ଛିତ କପାଳେ

ରକ୍ତଟୀକା,

ସେ କିବା ସକାଳ ସୂର୍ଯ୍ୟ ଜଳିଅଛି କୁହିତ ଆକାଶେ

ମରଣକୁ ମ୍ଳାନ କରି ଜୀବନର ଦୃପ୍ତ ପରିହାସେ!

ହେ କୋମଳ! ହେ ନିର୍ଭୀକ।

କିଏ ତୁମେ କୁହ?

www.jatayu.org

# ଗଣପତି

କବି ରଘୁନାଥ ଦାସ

ପରିଚିତ ପରି ଲାଗ;

ତୁମେ କି ହେ ଆମ ଆଖିଲୁହ?

ବଜ୍ରର ଆବାଜ ଶୁଭେ ଶୁଣ ଶୁଣ ଶୁଣରେ ନବାବ,

ମଣିଷର କଞ୍ଚା ମାଂସ ବିକ୍ରି କରି ହେଲା ଯେତେ ଲାଭ

ଆଜି ତା'ର ସୁଧ-ମୂଳ ହେବ ହେବ ହିସାବ ନିକାଶ।

ନୋଁହୁ ଆମେ କ୍ରୀତଦାସ : ଏ ଜୀବନ ବ୍ୟର୍ଥ ଦୀର୍ଘଶ୍ୱାସ

ନୁହେଁ ନୁହେଁ...

ଶୁଣ ଶୁଣ, ଅମୃତର ବାଣୀ କହେ କୋଟି ଉପବାସ।

ମୌସୁମୀର ଆଦ୍ୟ ସ୍ପର୍ଶ ନିଦାଘର ଶୁଷ୍କ ଶୀର୍ଣ୍ଣ ଘାସ

କଅଁଳେ ଯେପରି

ମଣିଷର ଲୋମକୂପେ ଅଭିଳାଷ ଶିହରି ଶିହରି

ସେହିପରି ଯାଉଅଛି ଖେଳି

ପ୍ରାଣର ସବୁଜ ଛନ୍ଦେ ଉଚ୍ଛ୍ୱସିତ ଶାଖା ପତ୍ର ମେଲି

ଥରାଇ ପଞ୍ଜର ତଳେ ବଂଚିବାର ଅଦମ୍ୟ ଉଚ୍ଛ୍ୱାସ।

www.jatayu.org

# ଗଣପତି

କବି ରଘୁନାଥ ଦାସ

ଅଗଣିତ ମଥା ତୋଳି ଜାଗିଉଠେ ଦୁର୍ଦ୍ଦାନ୍ତ ସଂତ୍ରାସ

ସମୁଦ୍ରର ଢ଼େଉ ପରି ସଂଗଠିତ, ବଦ୍ଧପରିକର,

ତାହାପରି ବ୍ୟାପ୍ତିମୟ, ବାଧାହୀନ, ତାପରି ଉଚ୍ଛଳ।

ଶୁଣ! ଖଣିଗର୍ଭୁ ଶୁଭେ ବିପ୍ଳବର ପାଞ୍ଚଜନ୍ୟ ଶଙ୍ଖ...

ଇନ୍ଦ୍ରପ୍ରସ୍ଥ ରନ୍ଧ୍ରେ ରନ୍ଧ୍ରେ ଥରିଉଠେ ଭୟାଳୁ ଆତଙ୍କ।

ଦସ୍ୟୁ ! ଦସ୍ୟୁ ! ଦସ୍ୟୁ!

ସେତ ମାଳୟର ପ୍ରତି ତରୁ ଫାଙ୍କେ

କଙ୍କାଳର ଦାବି ଛୁଟେ ଝଡ଼  ଶ୍ୱାସେ ଭୈରବୀର ଡ଼ାକେ।

ଲିଭିବାର ନୁହେଁ ସେ ତ- ପ୍ରଭାତର ନିଶ୍ଚିତ ପ୍ରକାଶ;

ଆଲୋକର ଅଧିବାସେ ଦିବସର ରକ୍ତିମ ଉଚ୍ଛ୍ୱାସ।

'ଜୟ ଗଣପତି ଜୟ' ଗର୍ଜିଉଠେ ସମଗ୍ର ମାଳୟ

ଗଣପତି ନୁହେଁ ହତ, ରଣାଙ୍ଗନ ଗଣପତିମୟ।

ବୀର ଗଣପତି

ଅଭିଯାତ୍ରୀ ଜନତାର ଅଗ୍ରଦୂତ, ହେ ସତ୍ୟ ସାରଥି।

ଚାହଁ ! ଚାହଁ ! ତୁମ ଧ୍ୱଜା ଉଡ଼ିଉଠେ

ମାଳୟରେ ନୁହେଁ ଖାଲି-ବିଶ୍ୱନଭେ ଉଚ୍ଚେ;

www.jatayu.org

# ଗଣପତି

କବି ରଘୁନାଥ ଦାସ

ନିଃସ୍ୱତାର ମୁକ୍ତି ରଚେ ଆପଣାର ବଳୀୟାର ଭୁଜେ।

( ଶ୍ରୀ ଗଙ୍ଗାଧର ରଥଙ୍କ ସଂପାଦିତ 'ସଂକେତ' ପତ୍ରିକାରେ ଅଗଷ୍ଟ, ୧୯୪୯ ସଂଖ୍ୟାର ' ରବୀନ୍ଦ୍ର କୁମାର ଦାସ' ଛଦ୍ମ ନାମରେ ପ୍ରକାଶିତ)

www.jataayu.org